# ଅଧ୍ୟାୟ 2

# ଯୋଜନାର ଅବଲୋକନଏବଂ ସମୀକ୍ଷା ପଦ୍ଧତି

## 2.1 ଅଡିଟ୍ ସମ୍ପାଦନର ପୃଷ୍ଠଭୂମି

ଡିବିଟିର ବିସ୍ତାର, ହିତାଧିକାରୀଙ୍କ ଚିହ୍ନଟ, ଦେୟ ପ୍ରକ୍ରିୟାରେ ଦକ୍ଷତା ଏବଂ ଲକ୍ଷ୍ୟ ହାସଲ ଉପରେ ଧ୍ୟାନ ଦେଇ ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ (ସିଏଜି) ଡିବିଟି ଉପରେ ଏକ ଅଡିଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ (ସେପ୍ଟେମ୍ବର 2020) । ଡିବିଟିର କାର୍ଯ୍ୟକାରିତା କ୍ଷେତ୍ରରେ ମାର୍ଚ୍ଚ 2021 ସୁଦ୍ଧା ଓଡ଼ିଶାରେ 22 ଟି ଯୋଜନାକୁ ଡିବିଟି ଢାଞ୍ଚାରେ ଅନ୍ତର୍ଭୁକ୍ତ କରାଯାଇଛି । ଡିବିଟି ପଦ୍ଧତି ମାଧ୍ୟମରେ ପରିଚାଳିତ ହେଉଥିବା ଏହିପରି ଦୁଇଟି ଯୋଜନା ଯଥା-ଏସ୍‌ଟି/ଏସ୍‌ସି/ ଓବିସି/ ଇବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଏବଂ ମେଧାବୃତ୍ତି ଯୋଜନାର ବିସ୍ତୃତ ପରୀକ୍ଷଣ ମାଧ୍ୟମରେ ରାଜ୍ୟରେ ଡିବିଟିର କାର୍ଯ୍ୟକାରିତାକୁ ଆକଳନ କରିବା ବର୍ତ୍ତମାନର ସମ୍ପାଦନ ସମୀକ୍ଷାରେ ଲକ୍ଷ୍ୟ ରଖାଯାଇଛି । ଏହି ଦୁଇଟି ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ ଏବଂ ସମ୍ପାଦନ ସମୀକ୍ଷାର ଉଦ୍ଦେଶ୍ୟ ସହିତ ଅଡିଟ୍ ପରିସର, ପଦ୍ଧତି ଇତ୍ୟାଦି ନିମ୍ନଲିଖିତ ଅନୁଚ୍ଛେଦରେ ବର୍ଣ୍ଣିତ ହୋଇଛି:

### 2.1.1 ଏସ୍‌ଟି/ଏସ୍‌ସି/ ଓବିସି/ ଇବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ମାଟ୍ରିକ ପରବର୍ତ୍ତୀ ବୃତ୍ତି (ପିଏମ୍‌ଏସ୍) ଯୋଜନା

ଅନୁସୂଚିତ ଜନଜାତି (ଏସ୍‌ଟି)/ ଅନୁସୂଚିତ ଜାତି (ଏସ୍‌ସି)/ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)/ ଆର୍ଥିକ ଦୃଷ୍ଟିରୁ ପଛୁଆ ଶ୍ରେଣୀ (ଇବିସି) ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି (ପିଏମ୍‌ଏସ୍) ଯୋଜନା ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ[6] ହୋଇଥିଲା । ଏହାଦ୍ୱାରା ଯୋଗ୍ୟ ଏସ୍‌ଟି/ ଏସ୍‌ସି/ ଓବିସି/ ଇବିସି ଛାତ୍ରୀଛାତ୍ରମାନଙ୍କୁ +2 ଆଇଟିଆଇ, +3 ସ୍ନାତକୋତ୍ତର ଏବଂ ବୃତ୍ତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଯେପରିକି ଏମ୍‌ବିଏ, ଏମ୍‌ବିବିଏସ୍, ଏମ୍‌ସିଏ, ଆଇନ୍ ଏବଂ ଏମ୍‌ଟେକ୍, ଇତ୍ୟାଦି ବିଷୟରେ ଅଧ୍ୟୟନ କରିବା ପାଇଁ ବୃତ୍ତି ପ୍ରଦାନ କରାଯାଏ । ଏହି ଯୋଜନା ଅନ୍ତର୍ଗତ ବୃତ୍ତି ରାଶିରେ ଆଡମିଶନ ଏବଂ ଟ୍ୟୁସନ ଫି ସହିତ ଅନ୍ୟାନ୍ୟ ଅଣଫେରସ୍ତ ଯୋଗ୍ୟ ବାଧ୍ୟତାମୂଳକ ଦେୟ ଯାହା ଶିକ୍ଷାନୁଷ୍ଠାନ ଦ୍ୱାରା ଧାର୍ଯ୍ୟ କରାଯାଏ, ତାହାର ପରିଶୋଧ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଶିକ୍ଷା ସମ୍ବନ୍ଧୀୟ ଦୈନନ୍ଦିନ ଖର୍ଚ୍ଚ ପୂରଣ କରିବା ପାଇଁ ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ହାର ଅନୁଯାୟୀ ରକ୍ଷଣାବେକ୍ଷଣ ଭତ୍ତା ମଧ୍ୟ ପ୍ରାପ୍ତ କରନ୍ତି ।

ଓଡ଼ିଶାରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ (ଏସ୍‌ଏସ୍‌ଡି) ବିଭାଗ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି । ବିଭାଗର ମୁଖ୍ୟ ସଚିବ ଅଟନ୍ତି, ଯିଏ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ କରନ୍ତି । ପ୍ରମୁଖ ଶାସନ ସଚିବଙ୍କୁ ରାଜ୍ୟ ସ୍ତରରେ ତିନି ଜଣ ନିର୍ଦ୍ଦେଶକ ଯଥା, ନିର୍ଦ୍ଦେଶକ (ଏସ୍‌ଟି), ନିର୍ଦ୍ଦେଶକ (ଏସ୍‌ସି) ଏବଂ ନିର୍ଦ୍ଦେଶକ (ଓବିସି) ସହଯୋଗ କରନ୍ତି ।

କ୍ଷେତ୍ରୀୟ ସ୍ତରରେ ଏହି ଯୋଜନା ପ୍ରତ୍ୟେକ ଜିଲ୍ଲାରେ, ଜିଲ୍ଲା କଲ୍ୟାଣ ଅଧିକାରୀ (ଡିଡବ୍ଲୁଓ), ସବ୍‌ଡିଭିଜନରେ ସହକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ (ଏଡିଡବ୍ଲୁଓ) ଏବଂ ପ୍ରତ୍ୟେକ ବ୍ଲକରେ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଡବ୍ଲୁଇଓ) ଦ୍ୱାରା କାର୍ଯ୍ୟକାରୀ କରାଯାଏ ।

#### *2.1.1.1 ପିଏମ୍‌ଏସ୍ ଯୋଜନା ପାଇଁ ପାଣ୍ଠି ପ୍ରଦାନ ଢାଞ୍ଚା*

ପିଏମ୍‌ଏସ୍ ଯୋଜନା, କେନ୍ଦ୍ର ଏବଂ ରାଜ୍ୟ ଦ୍ୱାରା ମିଳିତ ଭାବରେ ପ୍ରାୟୋଜିତ ହୋଇଥିବା ବେଳେ, ଏହି ଯୋଜନାର ପାଣ୍ଠିର ସ୍ୱରୂପ ହିତାଧିକାରୀଙ୍କ ବର୍ଗ ଉପରେ ନିର୍ଭର କରି ଭିନ୍ନ ହୋଇଥାଏ । ପିଏମ୍‌ଏସ୍‌ର ବିଭିନ୍ନ ଉପାଦାନ ଯଥା ଅନୁସୂଚିତ ଜନଜତି (ଏସ୍‌ଟି), ଅନୁସୂଚିତ ଜାତି (ଏସ୍‌ସି), ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ଶ୍ରେଣୀ (ଇବିସି) ରହିଅଛି । ଏହି ଉପାଦାନ ଗୁଡ଼ିକରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ପାଣ୍ଠି ପ୍ରଦାନର ସହଭାଗିତା ନିମ୍ନଲିଖିତ ଅଟେ:

- 2017-21 ମଧ୍ୟରେ ପିଏମ୍‌ଏସ୍ (ଏସ୍‌ଟି) ଯୋଜନାରେ ଆର୍ଥିକ ସହାୟତା 75:25 ଅନୁପାତରେ କେନ୍ଦ୍ର ଏବଂ ରାଜ୍ୟ ବହନ କରିଥିଲେ ।

[6] ପିଏମ୍‌ଏସ୍ (ଏସ୍/ଏସ୍‌ଟି): 1944-45, ପିଏମ୍‌ଏସ୍ (ଓବିସି): 1998-99 ଏବଂ ପିଏମ୍‌ଏସ୍ (ଇବିସି): ଡିସେମ୍ବର 2016

- ପିଏମ୍ଏସ୍ (ଏସ୍‌ସି) ଯୋଜନା କ୍ଷେତ୍ରରେ, 2017-20 ମଧ୍ୟରେ ରାଜ୍ୟ ସରକାରଙ୍କର 238.28 କୋଟି ଟଙ୍କାର ପ୍ରତିବଦ୍ଧ ଦାୟିତ୍ୱ[7] ଥିଲା । ତେବେ, 2020-21 ପରଠାରୁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ପାଣ୍ଠି ସହଭାଗିତାର ଅନୁପାତ 60:40 କୁ ପରିବର୍ତ୍ତନ ହୋଇଥିଲା ।
- ପିଏମ୍ଏସ୍ (ଓବିସି) ଯୋଜନା 2017-18 ଅବଧିରେ ବାର୍ଷିକ 9.61 କୋଟି ଟଙ୍କାର ବ୍ୟୟ ଦାୟିତ୍ୱ ରାଜ୍ୟ ବହନ କରୁଥିବା ବେଳେ 2018-19 ବର୍ଷ ଠାରୁ କେନ୍ଦ୍ର ସରକାର 100 ପ୍ରତିଶତ ସହାୟତା ପ୍ରଦାନ କରିଥିଲେ ।
- 2017-21 ମଧ୍ୟରେ ପିଏମ୍ଏସ୍ (ଇବିସି) ଯୋଜନାକୁ 100 ପ୍ରତିଶତ କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିଲା ।

2017-21 ଅବଧି ମଧ୍ୟରେ, ରାଜ୍ୟରେ 20.26 ଲକ୍ଷ ଛାତ୍ରୀଛାତ୍ର ପିଏମ୍ଏସ୍ ଯୋଜନା ଦ୍ୱାରା ଉପକୃତ ହୋଇଥିଲେ ଏବଂ ସରକାର 2,358.54 କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଶ୍ରେଣୀ ଅନୁଯାୟୀ ହିତାଧିକାରୀଙ୍କ ସଂଖ୍ୟା ଏବଂ ଖର୍ଚ୍ଚ, ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.1: 2017-21 ମଧ୍ୟରେ ପିଏମ୍ଏସ୍ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଏବଂ ବ୍ୟୟ***

***(ଟଙ୍କା କୋଟିରେ)***

| ବର୍ଗ | 2017-18 | | 2018-19 | | 2019-20 | | 2020-21 | |
|---|---|---|---|---|---|---|---|---|
| | ଛାତ୍ରୀଛାତ୍ର ସଂଖ୍ୟା | ପରିମାଣ | ଛାତ୍ରୀଛାତ୍ର ସଂଖ୍ୟା | ପରିମାଣ | ଛାତ୍ରୀଛାତ୍ର ସଂଖ୍ୟା | ପରିମାଣ | ଛାତ୍ରୀଛାତ୍ର ସଂଖ୍ୟା | ପରିମାଣ |
| ଏସ୍‌ସି | 1,84,883 | 252.52 | 2,27,412 | 379.27 | 1,66,400 | 297.94 | 1,67,702 | 317.50 |
| ଏସ୍‌ଟି | 1,86,061 | 206.11 | 2,10,866 | 273.30 | 1,68,449 | 227.53 | 1,67,241 | 231.19 |
| ଓବିସି | 1,79,794 | 33.65 | 1,38,030 | 35.70 | 1,14,935 | 44.02 | 1,07,925 | 55.72 |
| ଇବିସି | 97 | 0.01 | 923 | 0.26 | 1153 | 1.07 | 3,702 | 2.75 |
| **ମୋଟ** | **5,50,835** | **492.29** | **5,77,231** | **688.53** | **4,50,937** | **570.56** | **4,46,570** | **607.16** |

***(ଉତ୍ସ: ଏସ୍ଏସ୍‌ଡି ବିଭାଗ ଦ୍ୱାରା ଦିଆଯାଇଥିବା ନଥିପତ୍ର)***

2017-21 ଅବଧିରେ ଉପରେ ଦର୍ଶାଯାଇଥିବା ହିତାଧିକାରୀ ସଂଖ୍ୟା ଏବଂ ବ୍ୟୟ ମଧ୍ୟରୁ, ଯେଉଁ ହିତାଧିକାରୀମାନଙ୍କୁ ସିଧାସଳଖ ଦେୟ ପ୍ରଦାନ କରାଯାଇନଥିଲା, ଏହା ପରିବର୍ତ୍ତେ ଅନୁଷ୍ଠାନ ଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଥିଲା (ଏସ୍ଏସ୍‌ଡି ବିଭାଗ ଅଧୀନରେ ଥିବା ଏସ୍ଏସ୍‌ଡି ବିଦ୍ୟାଳୟ ଏବଂ ସରକାରୀ ଶିକ୍ଷା ବୈଷୟିକ ପ୍ରତିଷ୍ଠାନ/ କେନ୍ଦ୍ର ଏବଂ କିଛି ବେସରକାରୀ ଅନୁଷ୍ଠାନ[8]) ସେଗୁଡ଼ିକ ***ସାରଣୀ 2.2*** ରେ ଦର୍ଶାଯାଇଛି:

***ସାରଣୀ 2.2: 2017-21 ଅବଧିରେ ପିଏମ୍ଏସ୍ ଯୋଜନାରେ ଅନୁଷ୍ଠାନ ମାଧ୍ୟମରେ ଦେୟ ପ୍ରଦାନ କରାଯାଇଥିବା ହିତାଧିକାରୀ ସଂଖ୍ୟା***

| ବର୍ଷ | ହିତାଧିକାରୀଙ୍କ ସଂଖ୍ୟା ଏବଂ ପ୍ରତିଷ୍ଠାନ ଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ ହୋଇଥିବା ବୃତ୍ତି ରାଶି | | | | 2017-18 ରୁ 2020-21 ପର୍ଯ୍ୟନ୍ତ ଅନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିବା ବୃତ୍ତି | |
|---|---|---|---|---|---|---|
| | କୋର୍ସ ଫି | | ରକ୍ଷଣାବେକ୍ଷଣ ଭତ୍ତା | | | |
| | ଛାତ୍ରୀଛାତ୍ର ସଂଖ୍ୟା (ସଂଖ୍ୟାରେ) | ପ୍ରଦାନ ରାଶି (ଟଙ୍କା କୋଟିରେ) | ଛାତ୍ରୀଛାତ୍ର ସଂଖ୍ୟା (ସଂଖ୍ୟାରେ) | ପ୍ରଦାନ ରାଶି (ଟଙ୍କା କୋଟିରେ) | ଛାତ୍ରୀଛାତ୍ର ସଂଖ୍ୟା (ସଂଖ୍ୟାରେ) | ପ୍ରଦାନ ରାଶି (ଟଙ୍କା କୋଟିରେ) |
| 2017-18 | 3,354 | 0.83 | 5,044 | 4.94 | 8,398 | 5.76 |
| 2018-19 | 12,596 | 3.75 | 6,134 | 6.04 | 18,730 | 9.79 |
| 2019-20 | 8,180 | 2.38 | 4,942 | 4.78 | 13,122 | 7.16 |
| 2020-21 | 9,381 | 2.51 | 4,748 | 4.75 | 14,129 | 7.26 |
| **ମୋଟ** | **33,511** | **9.47** | **20,868** | **20.51** | **54,379** | **29.97** |

***(ଉତ୍ସ: ଏସ୍ଏସ୍‌ଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଏବଂ ତଥ୍ୟ)***

[7] ଏହି ଯୋଜନାରେ ରାଜ୍ୟ ଦ୍ୱାରା ଯାଞ୍ଚ ବର୍ଷର ଯୋଜନା ଅବଧିର ଶେଷ ବର୍ଷରେ ଖର୍ଚ୍ଚ

[8] ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଭୁବନେଶ୍ୱର ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍, ଭୁବନେଶ୍ୱର

ଏହି ଯୋଜନାଟି ଡିବିଟି ଢାଞ୍ଚା ଅଧିନରେ କାର୍ଯ୍ୟକାରୀ ହେବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଜାନୁଆରୀ 2018 ରେ ଚିହ୍ନଟ ହୋଇଥିଲା ଏବଂ ଡିବିଟି ଯୋଜନା ଭାବରେ ମଇ 2018 ରେ କାର୍ଯ୍ୟକାରୀ ହୋଇଥିଲା ।

### 2.1.2 ମେଧାବୃତ୍ତି ଯୋଜନା

ରାଜ୍ୟରେ ଯେଉଁ ମେଧାବୀ ଛାତ୍ରୀଛାତ୍ରମାନଙ୍କର ମାତାପିତାଙ୍କ ବାର୍ଷିକ ଆୟ 6.00 ଲକ୍ଷ ଟଙ୍କାରୁ ଅଧିକ ହୋଇଥିବ, ସେହି ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚତର ଶିକ୍ଷା ଗ୍ରହଣ ସମୟରେ ସେମାନଙ୍କର ଶିକ୍ଷା ଖର୍ଚ୍ଚର କିଛି ଅଂଶକୁ ମେଣ୍ଟାଇବା ପାଇଁ, ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଦ୍ୱାରା 'ମେଧାବୃତ୍ତି' ଯୋଜନା ଆରମ୍ଭ କରାଯାଇଥିଲା । ଓଡ଼ିଶା ଭିତରେ ଓ ବାହାରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟଗୁଡ଼ିକରେ ସାଧାରଣ ପାଠ୍ୟକ୍ରମ ଯଥା, +3 (ବରିଷ୍ଠ), ସ୍ନାତକୋତ୍ତର, ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ଶିକ୍ଷାଗ୍ରହଣ ପାଇଁ ଏହି ବୃତ୍ତି ପ୍ରଦାନ କରାଯାଏ । ମେଧାବୃତ୍ତି ଯୋଜନାଟି ଉଚ୍ଚଶିକ୍ଷା ବିଭାଗ (ଏଚ୍‌ଇଡି) ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଏ, ଯାହାର ବିଭାଗୀୟ ମୁଖ୍ୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ଅଟନ୍ତି । ଏସିଏସ୍‌ଙ୍କୁ ବୃତ୍ତି ୟୁନିଟ୍ ଦାୟିତ୍ୱରେ ଥିବା ଉପ ଶାସନ ସଚିବ ଓ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓସିଏସି) ଦ୍ୱାରା ବୈଷୟିକ ସହାୟତା ପ୍ରଦାନ କରାଯାଏ ।

#### 2.1.2.1 ମେଧାବୃତ୍ତି ପାଇଁ ପାଣ୍ଠି ଯୋଗାଣ

ମେଧାବୃତ୍ତି ଏକ ରାଜ୍ୟ ପ୍ରାୟୋଜିତ ଯୋଜନା ହୋଇଥିବାରୁ ଏହି ଯୋଜନା ପାଇଁ ଅର୍ଥ କେବଳ ରାଜ୍ୟ ସମ୍ବଳରୁ ଆସିଥାଏ । 2017-20[9] ଅବଧିରେ ରାଜ୍ୟରେ 90,484 ଛାତ୍ରୀଛାତ୍ର ମେଧାବୃତ୍ତି ଯୋଜନା ଦ୍ୱାରା ଉପକୃତ ହୋଇଥିଲେ ଏବଂ ଏହି ଯୋଜନାରେ 73.40 କୋଟି ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିଲା, ଯାହାର ସବିଶେଷ ତଥ୍ୟ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.3: 2017-20 ଅବଧିରେ ମେଧାବୃତ୍ତି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଏବଂ ଖର୍ଚ୍ଚ***

*( ଟଙ୍କା କୋଟିରେ)*

| ବର୍ଗ | 2017-18 | | 2018-19 | | 2019-20 | |
|---|---|---|---|---|---|---|
| | ଛାତ୍ରୀଛାତ୍ର ସଂଖ୍ୟା (ସଂଖ୍ୟାରେ)[10] | ଖର୍ଚ୍ଚ (ଟଙ୍କା ରେ) | ଛାତ୍ରୀଛାତ୍ର ସଂଖ୍ୟା (ସଂଖ୍ୟାରେ) | ଖର୍ଚ୍ଚ (ଟଙ୍କା ରେ) | ଛାତ୍ରୀଛାତ୍ର ସଂଖ୍ୟା (ସଂଖ୍ୟାରେ) | ଖର୍ଚ୍ଚ (ଟଙ୍କା ରେ) |
| ଜୁନିଅର ମେରିଟ୍ | 10,897 | 3.28 | 11,973 | 3.32 | 5,577 | 6.99 |
| ସିନିଅର ମେରିଟ୍ | 10,707 | 5.58 | 4,042 | 2.13 | 13,208 | 8.39 |
| ପିଜି ମେରିଟ୍ | 1,757 | 1.76 | 1,547 | 1.55 | 4,083 | 4.28 |
| ଟିପି ମେରିଟ୍ | 11,787 | 13.68 | 8,140 | 10.21 | 6,766 | 12.23 |
| ମୋଟ | **35,148** | **24.30** | **25,702** | **17.21** | **29,634** | **31.89** |

***(ଉତ୍ସ: ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଓ ତଥ୍ୟ)***

ଏହି ଯୋଜନାଟି ଡିବିଟି ପଦ୍ଧତି ଅଧିନରେ କାର୍ଯ୍ୟକାରୀ ହେବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଫେବୃଆରୀ 2019 ରେ ଚିହ୍ନଟ ହୋଇଥିଲା ଏବଂ ଏକ ଡିବିଟି ଯୋଜନା ଭାବରେ ଜୁନ୍ 2019 ରେ ଉପସ୍ଥାପନା ହୋଇଥିଲା ।

## 2.2 ଅଡିଟ୍‌ର ଉଦ୍ଦେଶ୍ୟ

ରାଜ୍ୟର ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଦେୟରେ ସିଧାସଳଖ ଲାଭ ପ୍ରଦାନର କାର୍ଯ୍ୟାନ୍ୱୟନ ଉପରେ ନିମ୍ନଲିଖିତ ବିଷୟଗୁଡ଼ିକ ଆକଳନ କରିବା ପାଇଁ ସମ୍ପାଦନ ସମୀକ୍ଷା କରାଯାଇଥିଲା:

- ଡିବିଟିର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପ୍ରକ୍ରିୟାର ପୁନଃ ସଂରଚନା କରାଯାଇଥିଲା ଯାହାଦ୍ୱାରା ଏହି ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିବ, ସମସ୍ତ ଯୋଗ୍ୟ

[9] ମେଧାବୃତ୍ତି କ୍ଷେତ୍ରରେ 2020-21 ରେ ବିଜ୍ଞାପନ ଅପ୍ରେଲ 2021 ରେ ଜାରି କରାଯାଇଥିଲା କିନ୍ତୁ ଡିସେମ୍ବର 2021 ସୁଦ୍ଧା ଦେୟ ପ୍ରଦାନ କରାଯାଇ ନଥିଲା

[10] ଏହି ସଂଖ୍ୟାରେ ଉଭୟ ନୂତନ ବୃତ୍ତି ଏବଂ ପୂର୍ବ ଅନୁମୋଦିତ ବୃତ୍ତିର ନବୀକରଣ ଅନ୍ତର୍ଭୁକ୍ତ

ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ଏହା ଦ୍ୱାରା ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକ କମ୍ କରାଯାଇପାରିବ:

  - ମଧ୍ୟସ୍ଥି ସ୍ତର,
  - ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ଦେୟ ଦେବାର ବିଳମ୍ବ ଏବଂ
  - ଚୋରି ଏବଂ ନକଲ ।

- ଡିବିଟିର ଭିତ୍ତିଭୂମି, ସଙ୍ଗଠନ ଏବଂ ପରିଚାଳନା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା ।

## 2.3 ଅଡିଟ୍ ମାନଦଣ୍ଡ

ନିମ୍ନଲିଖିତ ମାନଦଣ୍ଡକୁ ଅନୁସରଣ କରି ଯୋଜନା ଗୁଡ଼ିକର ସମ୍ପାଦନକୁ ମୂଲ୍ୟାଙ୍କନ କରାଯାଇଥିଲା:

- ଭାରତ ସରକାରଙ୍କ ଡିବିଟି ମିଶନ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପରିପତ୍ର, ନିର୍ଦ୍ଦେଶ ଏବଂ ବିଜ୍ଞପ୍ତି,
- ଭାରତ ସରକାରଙ୍କ ଡିବିଟି ମିଶନ ଦ୍ୱାରା ଜାରି କରାଯାଇଥିବା ଡିବିଟି ସମ୍ପର୍କିତ ହ୍ୟାଣ୍ଡବୁକ୍ ଏବଂ ରାଜ୍ୟ ଡିବିଟି ପ୍ରକୋଷ୍ଠ ପାଇଁ ମାର୍ଗଦର୍ଶିକା,
- ସିଧାସଳଖ ସୁବିଧା ଅନ୍ତରଣ ପାଇଁ ଭାରତ ସରକାର/ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ,
- ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ସିଷ୍ଟମ ଆବଶ୍ୟକତା ନିର୍ଦ୍ଦିଷ୍ଟକରଣ, ଡାଟାବେସ୍ ରକ୍ଷଣାବେକ୍ଷଣ ସମ୍ପର୍କିତ ନିର୍ଦ୍ଦେଶ, ଆଇଟି ନିୟନ୍ତ୍ରଣ ଡକ୍ୟୁମେଣ୍ଟ, ବିଭିନ୍ନ ରିପୋର୍ଟ ପ୍ରସ୍ତୁତି,
- ଏସ୍‌ଟି, ଏସି, ଓବିସି ଏବଂ ସଂଖ୍ୟା ଲଘୁଙ୍କ ପାଇଁ ପିଏମ୍‌ଏସ୍ ଯୋଜନା ସମ୍ପର୍କରେ ଏସ୍‌ଏସ୍‌ଡି ବିଭାଗର ମାର୍ଗଦର୍ଶିକା, ସର୍କୁଲାର/ ନିର୍ଦ୍ଦେଶାବଳୀ,
- ମେଧାବୃତ୍ତି ଯୋଜନା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା, ସର୍କୁଲାର/ ନିର୍ଦ୍ଦେଶାବଳୀ,
- ପିଏମ୍‌ଏସ୍ ଏବଂ ମେଧାବୃତ୍ତି ଉପରେ ସରକାରଙ୍କ ନିର୍ଦ୍ଦେଶ/ ବିଜ୍ଞପ୍ତି,
- 'ପ୍ରେରଣା' ବିବରଣୀକା ଏବଂ ବ୍ୟବହାରୀ ମାନୁଆଲ,
- ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍) ଏବଂ ଓଡ଼ିଶା ଟ୍ରେଜେରୀ କୋଡ (ଓଟିସି) ଏବଂ,
- ବିବିଧ ସାର୍ଟିଫିକେଟ୍ ଅଧିନିୟମ ।

## 2.4 ଅଡିଟ୍‌ର ପରିସର ଏବଂ ପଦ୍ଧତି

ସମ୍ପାଦନ ସମୀକ୍ଷାରେ, 2017-18 ରୁ 2020-21 ପର୍ଯ୍ୟନ୍ତ ଏକ ଚାରି ବର୍ଷର ସମୟ ଅବଧି ଅନ୍ତର୍ଭୁକ୍ତ । ଅଡିଟ୍, ଅର୍ଥ ବିଭାଗ (ଡିବିଟି ସେଲ୍), ଏସ୍‌ଟି ଏବଂ ଏସସି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓସିଏସି), ଆଠଟି ଜିଲ୍ଲା କଲ୍ୟାଣ ଅଧିକାରୀ[11] (ଡିଡବ୍ଲୁଓ) ଏବଂ 98 ଟି ଶିକ୍ଷାନୁଷ୍ଠାନ ସହିତ ବିଚାର ଭିତ୍ତିରେ 30 ଟି ଅନୁଷ୍ଠାନର ରେକର୍ଡଗୁଡ଼ିକ ପରୀକ୍ଷା ଯାଞ୍ଚ କରିଥିଲା । ଏହା ବ୍ୟତୀତ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସ୍‌ଇପିଏ) ର ସୂଚନା ମଧ୍ୟ ସଂଗ୍ରହ କରାଯାଇ ବ୍ୟବହାର କରାଯାଇଥିଲା ।

[11] ବଲାଙ୍ଗୀର, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, ମାଲକାନଗିରି, ମୟୁରଭଞ୍ଜ, ନୟାଗଡ଼ ଏବଂ ସୁନ୍ଦରଗଡ଼

ଅଡିଟ୍, ପ୍ରେରଣା ସଫ୍ଟୱେୟାର (14,22,413) ଏବଂ ପିଏମ୍ଏସ୍ ଯୋଜନା ପାଇଁ ଓଡ଼ିଶା ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ (ଓଏସ୍ଏସ୍ପି)[12] (5,26,434) ଏବଂ ମେଧାବୃତ୍ତି ପାଇଁ ଇ-ମେଧାବୃତ୍ତି ଡାଟାବେସ୍ (5,31,774) ରେ ଉପଲବ୍ଧ ସମସ୍ତ ବୃତ୍ତି ଦରଖାସ୍ତକୁ ମଧ୍ୟ ବିଶ୍ଳେଷଣ କରିଥିଲେ । ଏହା ବ୍ୟତୀତ, ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏଫ୍ଏମ୍ଏସ୍) ଏବଂ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଏସ୍ଏଏମ୍ଏସ୍[13]) ର ତଥ୍ୟ ମଧ୍ୟ ବିଶ୍ଳେଷଣ କରାଯାଇଥିଲା । ଅନୁଷ୍ଠାନ ଗୁଡ଼ିକର ମିଳିତ ବସ୍ତୁଗତ ଯାଞ୍ଚ କରାଯାଇଥିଲା ଓ ଆବଶ୍ୟକ ସ୍ଥଳେ ଫଟୋଗ୍ରାଫ୍ ଉତ୍ତୋଳନ ଏବଂ ହିତାଧିକାରୀଙ୍କ ସାକ୍ଷାତକାର ନିଆଯାଇଥିଲା ।

ଅର୍ଥ ବିଭାଗ, ଏସ୍ଏସ୍ଡି ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ସଚିବମାନଙ୍କ ସହିତ ଏକ ପ୍ରାରମ୍ଭିକ ସମ୍ମିଳନୀ ଫେବୃଆରୀ 2021 ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମ୍ପାଦନା ସମୀକ୍ଷାର ଉଦ୍ଦେଶ୍ୟ, ଅଡିଟ୍ ମାନଦଣ୍ଡ, ଅଡିଟ୍ ପରିସର ଏବଂ ଅଡିଟ୍ ପଦ୍ଧତି ଆଲୋଚନା କରାଯାଇଥିଲା ।

ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ସେପ୍ଟେମ୍ବର 2022 ରେ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରମୁଖ ଅଡିଟ୍ ଫଳାଫଳ ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା । ପ୍ରତିବେଦନରେ ବିଭାଗ ଗୁଡ଼ିକର ମତାମତ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

## 2.5 ସ୍ୱୀକାରୋକ୍ତି

ଅର୍ଥ ବିଭାଗ, ଏସ୍ଏସ୍ଡି ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ତଥା ଉପରୋକ୍ତ ବିଭାଗର ସଂପୃକ୍ତ କାର୍ଯ୍ୟାଳୟର ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗକୁ ଅଡିଟ୍ ସ୍ୱୀକାର କରୁଛି ।

---

12 ଓଡ଼ିଶା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବୃତ୍ତି ଯୋଜନାର ସ୍ୱୟଂଚାଳିତ, ଶୃଙ୍ଖଳିତ ଏବଂ ପ୍ରଭାବଶାଳୀ ପରିଚାଳନା ପାଇଁ ଓଏସ୍ଏସ୍ପି ଏକ ସମନ୍ୱିତ ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ୍

13 +2 ଏବଂ +3 (ମହାବିଦ୍ୟାଳୟ) ସ୍ତର ପାଇଁ ଆଡମିଶନ ପ୍ରକ୍ରିୟା ପରିଚାଳନା କରିବାକୁ ଏସ୍ଏଏମ୍ଏସ୍ ସଫ୍ଟୱେର ହେଉଛି ଏକ ଅନ୍‌ଲାଇନ୍ (ୱେବ୍ ଆଧାରିତ) ପ୍ଲାଟଫର୍ମ